## ସଂକ୍ଷେପରେ

### ଏଡିଜେ-୧ଙ୍କ ଦାୟିତ୍ୱ ଗ୍ରହଣ

**ବ୍ରହ୍ମପୁର ଅଫିସ,୨୭।୯:** ଗଞ୍ଜାମ ଜିଲା ଦୌରାଜଜ୍ କୋର୍ଟଙ୍କ ଅଧୀନରେ ଥିବା ଅତିରିକ୍ତ ଜିଲାଜଜ୍ (ଏଡିଜେ)-୧ ଭାବେ ପ୍ରସନ୍ନ କୁମାର ପଣ୍ଡା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ନୟାଗଡ଼ ଏଡିଜେ ରହିଥିଲେ। ନୂତନ ଏଡିଜେ-୧ଙ୍କୁ ଏପିପି ଜ୍ଞାନେନ୍ଦ୍ର ନାଥ ଜେନା, ଅନିଲ କୁମାର ସାହୁଙ୍କୁ ସମେତ ଅନ୍ୟ କୋର୍ଟର ଏପିପି ଓ ବିଭାଗୀୟ କର୍ମଚାରୀମାନେ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ ଏଠାରେ ଥିବା ଏଡିଜେ ଦୀପକ କୁମାରଙ୍କ ରାଉରକେଲା ବଦଳି ହୋଇଥିଲା। ଗତ ୩୦ ତାରିଖରୁ ଏହି ପଦ ଖାଲିଥିଲା।

### ଜୁଆ ଆଡ୍ଡାରୁ ୬ ଗିରଫ

**ବ୍ରହ୍ମପୁର ଅଫିସ,୨୭।୯:** ବ୍ରହ୍ମପୁର ସଦର ଥାନା ପୋଲିସ ବୋରିଗାଁଓରେ ଚାଲିଥିବା ଏକ ଜୁଆଆଡ୍ଡାରେ ଚଢଉ କରି ୬ ଜଣଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ୩,୫୩୦ ଟଙ୍କା ଓ ଖେଳ ସରଞ୍ଜାମ ଜବତ କରିଛି। ଏ ନେଇ ଏକ ମାମଲା ନଂ.୨୪୮/୧୯ ରୁଜୁ କରାଯାଇ ଶୁକ୍ରବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ପଦ୍ମଶ୍ରୀ ମୋହନ ନାୟକଙ୍କ ଶ୍ରାଦ୍ଧବାର୍ଷିକୀ

**ବ୍ରହ୍ମପୁର ଅଫିସ,୨୭।୯:** ବ୍ରହ୍ମପୁର ମହାନଗର ହାଡ଼ିକୁଳ ମହାସଂଘ ପକ୍ଷରୁ ପୂର୍ବତନ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ତଥା ପୂର୍ବତନ ଏମ୍‌ପି ପଦ୍ମଶ୍ରୀ ମୋହନ ନାୟକଙ୍କ ୩୬ତମ ଶ୍ରାଦ୍ଧବାର୍ଷିକୀ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ସବରେଜିଷ୍ଟ୍ରର ଅଫିସ ଛକସ୍ଥିତ ସ୍ୱର୍ଗତ ନାୟକଙ୍କ ପ୍ରତିମୂର୍ତ୍ତିରେ ସଂଘ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ବିଡିଏ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା, ସଞ୍ଜିତ ପାଣିଗ୍ରାହୀ, ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଟି. ଗୋପୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହାପରେ ଧାନମେରା ସାହି କଲ୍ୟାଣ ମଣ୍ଡପ ପରିସରରେ ସଂଘ ପକ୍ଷରୁ ସ୍ମୃତିଚାରଣ ସଭା ହୋଇଥିଲା। ସଂଘ ସଭାପତି ସୁକାନ୍ତ ମୁଖୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ଘଡେଇ, ସାଧାରଣ ସମ୍ପାଦକ ଚିନ୍ତାମଣି ନାୟକ, ପୂର୍ବତନ କର୍ପୋରେଟର ଅନୀଲ ନାୟକ, ଇଲେକ୍‌ସନ ଅଫିସର ପ୍ରଶାନ୍ତ କୁମାର ନାୟକ, ଜ୍ୟୋତିନ୍ଦ୍ର ଘଡେଇ, ତ୍ରିଲୋଚନ ବେହେରାଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ମିଟର ରିଡର କର୍ମଚାରୀଙ୍କୁ ଅବହେଳା

# ୧୫ ବର୍ଷ ପରେ ବି ମିଳୁନି ସର୍ବନିମ୍ନ ମଜୁରି

- ଏସଏଚଜିଙ୍କୁ କାର୍ଯ୍ୟ ହସ୍ତାନ୍ତର ଧମକ ଦେଉଛି ଠିକାସଂସ୍ଥା
- ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କୁ ଦାବିପତ୍ର

**ବ୍ରହ୍ମପୁର ଅଫିସ, ୨୭।୯**

ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ମଜୁରି ପ୍ରଦାନ କରିବାକୁ ସାଉଥ୍‌କୋ ମିଟର ରିଡର ଶ୍ରମିକ ସଂଘ ବ୍ରହ୍ମପୁର ଶାଖା ପକ୍ଷରୁ ଦାବି କରାଯାଇଛି। ଏହି ଦାବି ନେଇ ସଂଘ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି)ଙ୍କ କାର୍ଯ୍ୟାଳୟ ଆଗରେ ଶୁକ୍ରବାର ବିକ୍ଷୋଭ କରାଯାଇଥିଲା। ପରେ ଆର୍‌ଡିସିଙ୍କ ଜରିଆରେ ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସାଉଥ୍‌କୋର ବିଭିନ୍ନ ଠିକା ସଂସ୍ଥା ଅଧୀନରେ ଗଞ୍ଜାମ ସମେତ ଗଜପତି, ରାୟଗଡା, କୋରାପୁଟ, ନବରଙ୍ଗପୁର, ମାଲକାନଗିରି, କନ୍ଧମାଳ, ବୌଦ୍ଧ ଆଦି ଜିଲାର ପ୍ରାୟ ୩୦୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ମିଟର ରିଡିଂ କାର୍ଯ୍ୟ କରୁଛନ୍ତି। ହେଲେ କାର୍ଯ୍ୟ କରିବାର ୧୫ ବର୍ଷ ବିତିଥିଲେ ମଧ ସାଉଥ୍‌କୋ କର୍ତ୍ତୃପକ୍ଷ ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ମଜୁରି ପ୍ରଦାନରେ ବିଳମ୍ବ କରୁଛନ୍ତି। ଏହାର ସମାଧାନ କରିବା ପରିବର୍ତ୍ତେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚଜି)କୁ ମିଟର ରିଡିଂ କାର୍ଯ୍ୟ ହସ୍ତାନ୍ତର କରିବାକୁ ଠିକା ସଂସ୍ଥା ପକ୍ଷରୁ ଧମକ ଦିଆଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ସାଉଥକୋ କର୍ତ୍ତୃପକ୍ଷଙ୍କୁ ବହୁବାର ଅବଗତ କରାଯାଇଥିଲେ ମଧ ସୁଫଳ ମିଳୁନି। ଏପରିକି ମିଟର ରିଡରଙ୍କୁ କୌଣସି ଠିକାସଂସ୍ଥା ଜରିଆରେ ସେମାନଙ୍କ ପ୍ରାପ୍ୟ ନ ଦେଇ ପ୍ରତ୍ୟକ୍ଷ ଭାବେ ଦେବାକୁ ଅଗଷ୍ଟ ୧୪ ତାରିଖରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ତାଙ୍କ ଚିଠି ନଂ ୨୩୫୦ରେ ଦର୍ଶାଇଛନ୍ତି। ତଥାପି ସାଉଥକୋ କର୍ତ୍ତୃପକ୍ଷ ଠିକାସଂସ୍ଥା ଜରିଆରେ ମଜୁରି ଦେଉଥବା କର୍ମଚାରୀମାନେ କହିଛନ୍ତି। ଦଶହରା ଛୁଟି ପୂର୍ବରୁ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ସମସ୍ତ ମିଟର ରିଡର କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଦାବିପତ୍ରରେ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସଂଘର ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ସମ୍ପାଦକ ବିଦ୍ୟାଧର ପାଢୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ଆରଡିସିଙ୍କ କାର୍ଯ୍ୟାଳୟ ଆଗରେ ମିଟର ରିଡରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଭଗତ ସିଂଙ୍କ ଜୟନ୍ତୀରେ ବାଇକ୍ ଶୋଭାଯାତ୍ରା



ପତଞ୍ଜଳି ପକ୍ଷରୁ ଶୋଭାଯାତ୍ରା ବାହାରିଛି।

**ବ୍ରହ୍ମପୁର ଅଫିସ,୨୭।୯**

ପତଞ୍ଜଳି ଯୁବ ଭାରତ, ଗଞ୍ଜାମ ଜିଲା ଶାଖା ପକ୍ଷରୁ ଶୁକ୍ରବାର ଶହୀଦ ଭଗତ ସିଂଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ବ୍ରହ୍ମପୁର ରଜାସାହି ଛକଠାରୁ ଏକ ବାଇକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ହରିଡାଖଣ୍ଡି ପରିବା ବଜାର ପରିସରରେ ଥିବା ଭଗତ ସିଂଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟର୍ପଣ କରାଯିବା ସହ ଶହୀଦଙ୍କ ସ୍ମୃତିଚାରଣ କରାଯାଇଥିଲା। ସୁବ୍ରତ ପୂଜାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରୁଣ କୁମାର ପାଣିଗ୍ରାହୀ, କେ. ରବି ବାବୁ, ଭିକାରୀ ବେହେରା, ଅଭି ପ୍ରଧାନ, ନରସିଂହ ସେଠୀ, ବୃନ୍ଦାବନ ପଟ୍ଟନାୟକ, ପ୍ରଦୀପ ସାହୁ, ଶିଶିର କୁମାର ଦାସ, ସବିତା ସାହୁକାର, ଅଞ୍ଜଳୀ ମହାନ୍ତି, ନରେଶ ଗନ୍ତାଘରିଆ, ଉମେଶ ସେନାପତି,ବସନ୍ତ ଶତପଥୀ, ପ୍ରଫୁଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରିନ୍ସ ସରୋଜ ଧନ୍ୟବାଦ ଦେଇଥିଲେ।



ଭାରତୀୟ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ବୁଦ୍ଧିଜୀବୀ।

# ଜିଲାପାଳ, ଆର୍‌ଟିଓ ଅଫିସ ବ୍ରହ୍ମପୁରକୁ ସ୍ଥାନାନ୍ତର ହେଉ

**ଭାରତୀୟ ବିକାଶ ପରିଷଦର ଦାବି**

**ବ୍ରହ୍ମପୁର ଅଫିସ, ୨୭।୯**

ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଜିଲା ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ (ଆର୍‌ଟିଓ)କୁ ଛତ୍ରପୁରରୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରିବାକୁ ଭାରତୀୟ ବିକାଶ ପରିଷଦ ଦାବି କରିଛି। ଆର୍ଥିକ, ସାମାଜିକ, ଭୌଗଳିକ, ବାଣିଜ୍ୟ, ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା ପ୍ରତ୍ୟେକ ଦୃଷ୍ଟିରୁ ଦେଖିଲେ ଗଞ୍ଜାମ ଜିଲା ସଦର ମହକୁମା ବ୍ରହ୍ମପୁର ହେବାକୁ ଯୋଗ୍ୟ ବୋଲି ବିକାଶ ପରିଷଦ ଦାବି କରିଛି। ଏହି ଦାବି ଗତ ୩୦ ବର୍ଷ ପୂର୍ବରୁ ସ୍ୱର୍ଗତ ବୃନ୍ଦାବନ ନାୟକଙ୍କ ଅମଳରୁ ହୋଇଆସୁଛି। ଏ ନେଇ ଦୁଇ ଥର ୨୦୧୭ ଅକ୍ଟୋବର ୩୦, ନଭେମ୍ବର ୧୮ରେ ମୁଖ୍ୟମନ୍ତ୍ରୀ, ରାଜସ୍ୱମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଶାସନ ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ୨ ବର୍ଷ ପରେ ବି କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ବିଡମ୍ବନାର ବିଷୟ ବୋଲି ଶୁକ୍ରବାର କମାପଲ୍ଲୀସ୍ଥିତ ସଙ୍କଳ୍ପ ସ୍କୁଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାରତୀୟ ବିକାଶ ପରିଷଦ ଉଦ୍‌ବେଗ ପ୍ରକାଶ କରିଛି। ଛତ୍ରପୁରରେ ଏବେ ଏହି ଦୁଇ କାର୍ଯ୍ୟାଳୟ ଥିବାରୁ ଜିଲାର ମାତ୍ର ୧୦ ପ୍ରତିଶତ ଲୋକଙ୍କ ସୁବିଧା ହେଉଥିବା ବେଳେ ୯୦ ପ୍ରତିଶତ ଲୋକ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଜିଲାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଉଭୟ କାର୍ଯ୍ୟାଳୟକୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରିବା ଆବଶ୍ୟକ ବୋଲି ଉପସ୍ଥିତ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଥିଲେ। ବର୍ତ୍ତମାନ ଛତ୍ରପୁରରେ ୬ କୋଟି ଟଙ୍କା ବିନିମୟରେ ଯେଉଁ ୭ ମହଲା ବିଶିଷ୍ଟ ଜିଲାପାଳଙ୍କ କାର୍ଯ୍ୟାଳୟ ନିର୍ମାଣ ପାଇଁ ଗଞ୍ଜାମ ଜିଲାପାଳ ଯେଉଁ ପ୍ରସ୍ତାବ ଦେଇଛନ୍ତି, ତାହାକୁ ବ୍ରହ୍ମପୁରଠାରେ ନିର୍ମାଣ କରିବାକୁ ଦାବି କରାଯାଇଛି। ତୁରନ୍ତ ଉଭୟ କାର୍ଯ୍ୟାଳୟକୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯିବା ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପରିଷଦ ଚେତାବନୀ ଦେଇଛି। ଖବରଦାତା ସମ୍ମିଳନୀରେ ଭାରତୀୟ ବିକାଶ ପରିଷଦର ସଭାପତିଙ୍କ ସମେତ ମାନବାଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ କୁମାର ଗୟା, ସଞ୍ଜୟ ନାରାୟଣ ଦାଶ, ଡ. ଶିବପ୍ରସାଦ ମିଶ୍ର, ରାଜେନ୍ଦ୍ର ଦଳ ବେହେରା, ମଧୁସୂଦନ ସାହୁ, ଗୌରୀଶଙ୍କର ମହାନ୍ତି, ବିଶ୍ୱଦେବ ମହାରଣା, ରବି ରାଉତରାୟ, ସୂର୍ଯ୍ୟନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### କେଏଟିଏସ୍‌ର ଛାତ୍ର ସଂସଦ ଉଦ୍‌ଘାଟନୀ ଉତ୍ସବ

**ବ୍ରହ୍ମପୁର ଅଫିସ,୨୭।୯**

ଆଙ୍କୁଶପୁରସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା(କେ.ଏ.ଟି.ଏସ) ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଛାତ୍ର ସଂସଦର ଉଦ୍‌ଘାଟନୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାପତି ସୋନାମ ପଲେଇ ମୁଖ୍ୟ ଅତିଥି, ଜିଲାପରିଷଦ ଉପସଭାନେତ୍ରୀ ସ୍ନେହଲତା ପଣ୍ଡା, ସଦର ଥାନା ଅଧିକାରୀ ସନ୍ତୋଷିନୀ ଓରାମ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ବର୍ତ୍ତମାନ ସମୟରେ ଆୟୁର୍ବେଦ ଔଷଧର ଉପଯୋଗିତା ଓ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିବା ବେଳେ ସମ୍ମାନିତ ଅତିଥି ଜିଲା ପରିଷଦ ଉପସଭାନେତ୍ରୀ ନାରୀ ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଡା. ବିପିନ ବିହାରୀ ଖୁଣ୍ଟିଆ, ଉପଦେଷ୍ଟା ଡା. ବିମଳ ପଣ୍ଡା ମଞ୍ଚାସୀନ ଥିଲେ। ଛାତ୍ର ସଂସଦ ସଭାପତି ରାଜେଶ ସାହୁ, ସମ୍ପାଦକ ସୂର୍ଯ୍ୟନାରାୟଣ ପାଳ କାର୍ଯ୍ୟକ୍ରମ ପରିଚାଳନା ଏବଂ ଛାତ୍ର ସଂସଦ ଉପସଭାପତି ଶାଶ୍ୱତ ମୋଦିଆ ଧନ୍ୟବାଦ ଦେଇଥିଲେ।

# ତେଜିଲା ଓକିଲ ସଂଘ ଆନ୍ଦୋଳନ

**ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି**

**ବ୍ରହ୍ମପୁର ଅଫିସ,୨୭।୯**

ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଗଞ୍ଜାମ ଓକିଲ ସଂଘ ତରଫରୁ ଦୀର୍ଘଦିନ ହେଲା ଆନ୍ଦୋଳନ ହୋଇଆସୁଛି। ଦାବି ପୂରଣ ପାଇଁ ଆନ୍ଦୋଳନକୁ ଆହୁରି ଅଧିକ ତୀବ୍ରତର କରିବା ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ଧାରାରେ ପ୍ରତି ମାସର ଶେଷ ୪ ଦିନ ଗଞ୍ଜାମ ଓକିଲ ସଂଘ କୋର୍ଟ କାର୍ଯ୍ୟ ବର୍ଜନ କରୁଛି। ତେଣୁ ଶୁକ୍ରବାରଠାରୁ ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏହା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଶୁକ୍ରବାର ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଓକିଲମାନେ ଏକାଠି ହୋଇ ଦାବି ଉପସ୍ଥାପନ କରିଥିଲେ। ପରେ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଆଗାମୀ ରଣନୀତି ନେଇ ଆଲୋଚନା କରାଯାଇଥିଲା। ବ୍ରହ୍ମପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାକୁ ଜାଣିଶୁଣି ବିଳମ୍ବ କରାଯାଉଛି ବୋଲି ଓକିଲମାନେ ଅଭିଯୋଗ କରିଥିଲେ। ଦକ୍ଷିଣ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ଓକିଲମାନଙ୍କ ଏହି ଦାବିକୁ ବିଧାନସଭା ଓ ଲୋକସଭାରେ ଉପସ୍ଥାପନ କରିବାକୁ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁଙ୍କୁ ସଂଘ ତରଫରୁ ଅନୁରୋଧ କରାଯାଇଛି। ଗଞ୍ଜାମ ଓକିଲ ସଂଘର ସଭାପତି ରବୀନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ଉପସଭାପତି ଚିତ୍ତରଞ୍ଜନ ଶତପଥୀ, ଯୁଗ୍ମ ସମ୍ପାଦକ କିରଣ କୁମାର ମଣ୍ଡଳ ବୈଠକରେ ମଞ୍ଚାସୀନ ଥିଲେ। ଏଥିରେ ଗଞ୍ଜାମ ଓକିଲ ସଂଘର ସଭାପତି ରବୀନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ଉପସଭାପତି ଚିତ୍ତରଞ୍ଜନ ଶତପଥୀ, ଯୁଗ୍ମ ସମ୍ପାଦକ କିରଣ କୁମାର ମଣ୍ଡଳ ମଞ୍ଚାସୀନ ଥିଲେ। ଗଞ୍ଜାମ ଓକିଲ ସଂଘର ପୂର୍ବତନ ସମ୍ପାଦକ ପିତବାସ ପଣ୍ଡା, ବରିଷ୍ଠ ଆଇନଜୀବୀ ମନୋଜ ପଟ୍ଟନାୟକ, ନିର୍ମଳ ସାହୁ, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ଅକ୍ଷୟ ପଟ୍ଟନାୟକ, ସୀତାଂଶୁ ଶେଖର ପଣ୍ଡା, ନୟନଚନ୍ଦ୍ର ମହାପାତ୍ର, ଶିଶିର ପାଢ଼ୀ, ଅଭୟ ପଣ୍ଡା, ଗଞ୍ଜାମ ଓକିଲ ସଂଘର ପୂର୍ବତନ ସଭାପତି ମୋହନ ସିଙ୍ଗାରୀ, ବୀରେନ ପଟ୍ଟନାୟକ, ପ୍ରଫୁଲ ପଟ୍ଟନାୟକ, ବସନ୍ତ ପଣ୍ଡା, ଦୀପକ ପଟ୍ଟନାୟକ, ବିଷ୍ଣୁ ମୋହନ, ବୀରେନ୍ଦ୍ର ପାଢ଼ୀ, ସଞ୍ଜୟ ମିଶ୍ର, ଅସିତ୍ ସାବତ, ବରୁଣ ଗୌଡ଼, ବିରଞ୍ଚି ମହାପାତ୍ର, ଅଶୋକ ଶୁକ୍ଳ, ପ୍ରଦୀପ ପଣ୍ଡା, ପ୍ରଦୀପ ପାଣିଗ୍ରାହୀ, ପ୍ରସାଦ ରାଓ ଓ ହେମନ୍ତ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଆକ୍ରମଣ ମାମଲା, ୪ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୨୭।୯**

ଏକ ଆକ୍ରମଣ ମାମଲାର ଶୁଣାଣି କରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍‌ଏଫ୍‌ସି) ଅନୁରାଧା ଶର୍ମା ପ୍ରମାଣ ଅଭାବରୁ ୪ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ସିଦ୍ଧାର୍ଥ ନଗରର ତାରିଣୀ କନହେଇ, ନିକୁ ନିମାଇ, ସଙ୍କେତ କନହେଇ ଓ ଶାନୁ ବେହେରା। ୨୦୧୭ ମାର୍ଚ୍ଚ ୧୧ ତାରିଖରେ ବ୍ରହ୍ମପୁର ନୂଆ ବସଷ୍ଟାଣ୍ଡ ନିକଟରେ ଡ୍ୟୁଟି କରୁଥିବା ଟ୍ରାଫିକ କନଷ୍ଟେବଲଙ୍କ ସହ ୨ଟି ବାଇକରେ ଆସିଥିବା ୪ ଯୁବକ ଝଗଡ଼ା କରିଥିଲେ। ପରେ ସେମାନେ ତାଙ୍କୁ ମାଡ଼ ମାରିଥିଲେ ବୋଲି କନଷ୍ଟେବଲ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ସେମାନେ ଜାମିନରେ ମୁକୁଳିଥିଲେ। ଏହି ମାମଲାର ବିଚାର ବେଳେ ୮ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ଅଭାବରୁ ଅଭିଯୁକ୍ତମାନେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି। ମୁଦାଲାଙ୍କ ପକ୍ଷରୁ ଓକିଲ ପ୍ରଶାନ୍ତ ନାୟକ ମକଦ୍ଦମା ପରିଚାଳନା କରିଥିଲେ।

# ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ସ୍ୱାଗତ ଉତ୍ସବ

**ବ୍ରହ୍ମପୁର ଅଫିସ,୨୭।୯**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଭାଗର ସେମିନାର ହଲରେ ଅୟୋଜିତ କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦ ଅଧକ୍ଷା ଅରୁନ୍ଧତୀ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭାଗର ପୂର୍ବ ମର୍ଯ୍ୟାଦା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଭାଗ ସଂଯୋଜକ ପ୍ରଫେସର ଦାଶରଥି ଭୂୟାଁ ଯୋଗଦେଇ ଓଡିଶା ସମ୍ବାଦପତ୍ରରେ ଗଞ୍ଜାମ ଜିଲାର ଅବଦାନ ଉପରେ କହିଥିଲେ। ଅଧ୍ୟାପକ ହରିଶ ଚନ୍ଦ୍ର ବେହେରା, ହରେକୃଷ୍ଣ ବେହେରା, ସରିତା ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ର କୁଞ୍ଜ ମୁଦୁଲି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ହେମନ୍ତ ରେଡ୍ଡୀ ଓ ମଧୁସ୍ମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଶିବ ସାହୁ, ତୁତୁନ ପାତ୍ର, ଅଙ୍କିତ ପଣ୍ଡା, ରବି ନାରାୟଣ ସାହୁ, ପ୍ରଶାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ।



ଉପସ୍ଥିତ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକମାନେ।

# ବିଏମ୍‌ସି ଅଫିସ ଘେରାଉ କଲା ଗଞ୍ଜାମ ଭାଜପା

- କେନ୍ଦ୍ରୀୟ ଯୋଜନା ହଡ଼ପର ପ୍ରତିବାଦ
- ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କମିଶନରଙ୍କୁ ଦାବିପତ୍ର

**ବ୍ରହ୍ମପୁର ଅଫିସ,୨୭।୯**

ଗଞ୍ଜାମ ଜିଲା ଭାଜପା ପକ୍ଷରୁ ଶୁକ୍ରବାର ବ୍ରହ୍ମପୁର ମହାନଗର ନିଗମ (ବିଏମସି) ଅଫିସ ଘେରାଉ କରାଯିବା ସହ ମୁଖ୍ୟ ଫାଟକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ସମେତ ବିଭିନ୍ନ କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ହଡ଼ପ କରି ନିଜ ନାଁରେ ପ୍ରଚାର କରି ଲୋକଙ୍କୁ ବିଭ୍ରାନ୍ତ କରୁଥିବା ପ୍ରତିବାଦରେ ଏହି ଆନ୍ଦୋଳନ ହୋଇଥିଲା। ଜିଲା ଭାଜପା ସଭାପତି କାହ୍ନୁଚରଣ ପତିଙ୍କ ନେତୃତ୍ୱରେ ଏହି ଘେରାଉ କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ରଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ମୁଖ୍ୟ ଫାଟକରେ ବାହାରପଟୁ କର୍ମୀମାନେ ତାଲା ପକାଇ ଦେଇଥିବାରୁ ବିଏମସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ଦୀର୍ଘ ସମୟ ପର୍ଯ୍ୟନ୍ତ କାର୍ଯ୍ୟାଳୟକୁ ପ୍ରବେଶ କରିପାରି ନ ଥିଲେ। ସେଠାରେ କମିଶନରଙ୍କୁ ବିଭିନ୍ନ ଦାବି ସମ୍ବଳିତ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଉତ୍ତେଜନା ଥମିବା ପରେ ସଭାପତି ଓ ଆଉ କେତେଜଣ ନେତା, କର୍ମୀ ଅଫିସ ଭିତରକୁ ଯାଇ ଆଲୋଚନା କରିଥିଲେ।

ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, କେନ୍ଦ୍ର ସରକାରଙ୍କ ଆବାସ ଯୋଜନାରେ ଆସୁଥିବା ଅନୁଦାନକୁ ରାଜ୍ୟ ସରକାର ହଡ଼ପ କରି ପ୍ରଧାନମନ୍ତ୍ରୀ ନାମ ଲିଭାଇ ବିଜୁ ପକ୍କାଘର ନାଁରେ ଏବଂ ଦଳୀୟ ଭିତ୍ତିରେ କାର୍ଯ୍ୟାଦେଶ ଦେଉଛନ୍ତି। ରାଜ୍ୟ ବଜେଟରେ ବିଜୁ ପକ୍କାଘର ଯୋଜନା ପାଇଁ ଗୋଟିଏ ଟଙ୍କା ମଧ ବରାଦ ହୋଇ ନ ଥିବା ବେଳେ କେନ୍ଦ୍ରୀୟ ଅନୁଦାନର ଦୁରୁପଯୋଗ କରାଯାଉଛି ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପରିବର୍ତ୍ତେ 'ମୋ ଆବାସ' ବୋଲି ନବୀନ ସରକାର ବିଜ୍ଞାପନ ଆକାରରେ ବହୁଳ ପ୍ରଚାର କରୁଥିବା ଭାଜପା ଅଭିଯୋଗ କରିଛି।

ଆନ୍ଦୋଳନ ସ୍ଥଳରେ ଜିଲା ସଭାପତି କହିଥିଲେ କେବଳ ପ୍ରଧାନମନ୍ତ୍ରୀ ଆବାସ ନୁହେଁ ପୂର୍ବରୁ ୧୦୮ ଆମ୍ବୁଲାନ୍ସ, କେନ୍ଦ୍ର ସରକାରଙ୍କ ସୁକନ୍ୟା ସମୃଦ୍ଧି, ଗରିବ ଲୋକଙ୍କୁ ଦିଆଯାଉଥିବା ଟଙ୍କିକିଆ ଚାଉଳ ଯୋଜନା କେନ୍ଦ୍ରର ହୋଇଥିଲେ ମଧ ରାଜ୍ୟ ସରକାର ବାହାବା ନେଇ ନିଜସ୍ୱ ଯୋଜନା ନାଁରେ ପ୍ରଚାର କରୁଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ଆବାସ ପାଉଥିବା ହିତାଧିକାରୀ ଘର କାନ୍ଥରେ ପ୍ରଧାନମନ୍ତ୍ରୀ ଆବାସ ଲେଖିବା ବାଧ୍ୟତାମୂଳକ କରିବା ଏବଂ ବିଭିନ୍ନ କେନ୍ଦ୍ରୀୟ ଯୋଜନାର ଠିକ ବିନିଯୋଗ ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ସ୍ମାରକପତ୍ରରେ ରାଜ୍ୟପାଳଙ୍କୁ ନିବେଦନ କରାଯାଇଛି। ଆନ୍ଦୋଳନକୁ ଜିଲା ସଂଗଠନର କାର୍ଯ୍ୟକର୍ତ୍ତା ସୁନିଲ କୁମାର ସାହୁ, ପ୍ରଭାତ ଷଡ଼ଙ୍ଗୀ, ଶରତ ସାହୁ, ରାଜେଶ ସାହୁ, ମଦନ ପାତ୍ର, ସୁଜାତା ବିଶୋୟୀ, ସୁନିଲ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।



ବିଏମସି ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଭାଜପା ନେତା ଓ କର୍ମୀମାନେ।

## କେନ୍ଦ୍ର ବ୍ୟାଙ୍କ ପରିଚାଳନା ପରିଷଦର ବୈଠକ

# ସେବା ସମବାୟ ସମିତିରେ ଖୋଲିବ ମାଇକ୍ରୋ ଏଟିଏମ୍

**ଆସିକା,୨୭।୯(ଡି.ଏନ୍.ଏ.)**

ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ପରିଚାଳନା ପରିଷଦର ଏକ ବୈଠକ ଶୁକ୍ରବାର ବ୍ୟାଙ୍କ ପରିସରରେ ଅନୁଷ୍ଠିତ ହୋଇଥିଲା। ସଭାପତି ବୀରେନ୍ଦ୍ର କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ହରିଶ୍ଚନ୍ଦ୍ର ଦାସ, ଉପସଭାନେତ୍ରୀ ସଂଯୁକ୍ତ ପ୍ରଧାନ ଏବଂ ପରଚାଳନା ପରିଷଦର ସଦସ୍ୟ କାର୍ତ୍ତିକେଶ୍ୱର ପରିଡା, ନନ୍ଦ କୁମାର ବିଷୋୟୀ, ଅରବିନ୍ଦ ନାୟକ, ଚିତ୍ତରଞ୍ଜନ ପାଣିଗ୍ରାହୀ, ସଞ୍ଜୁକ୍ତ ଦଳାଇ, ରଶ୍ମିତା ସାହୁ, ପଞ୍ଚାନନ ଗୌଡ, ଖଲିଆ ସେଠୀ, ମୋହନ ପ୍ରଧାନ, ବ୍ରଜେନ୍ଦ୍ର କୁମାର ବିନ୍ଧାଣୀରା, ରବିନ୍ଦ୍ର କୁମାର ପରିଡା, ରତ୍ନାକର ସାହୁ, କପିଳେଶ୍ୱର ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏତଦ୍ ଅବସରରେ ଗଂଜାମ ଜିଲାର ଅର୍ଦ୍ଧାଧିକ ଅଞ୍ଚଳରେ କାର୍ଯ୍ୟକରୁଥିବା ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କର ୧୯୧ଟି ସେବା ସମବାୟ ସମିତିରେ ମାଇକ୍ରୋ ଏଟିଏମ୍ ବ୍ୟବସ୍ଥା ପ୍ରଚଳନ ଲାଗି ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମ କରି ଗାନ୍ଧୀ ଜୟନ୍ତୀରେ ୧୦ଟି ଏଟିଏମ୍‌କୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ସ୍ଥିର କରାଯାଇଥିଲା। ଏହାଦ୍ୱାରା ଗ୍ରାମାଞ୍ଚଳର ଚାଷୀ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଏହି ଏଟିଏମ୍ ସେବା ପାଇବାରେ ସକ୍ଷମ ହେବେ। ଦ୍ୱିତୀୟରେ ୨୦୧୮-୧୯ର ଅଡିଟ୍ ରିପୋର୍ଟ ସମ୍ପର୍କରେ ଆଲୋଚନା କରାଯାଇ ବ୍ୟାଙ୍କ ଏହି ଆର୍ଥିକ ବର୍ଷରେ ୩କୋଟି ୩୪ ଲକ୍ଷ ୬୬ ହଜାର ୧୪୧ ଟଙ୍କା ୩୦ ପଇସା ଲାଭ କରିଥିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଦ୍ୟାବଧି ଏହି ବ୍ୟାଙ୍କର ସମୁଦାୟ ୨୫୪ କୋଟି ୯୮ ଲକ୍ଷ ୫ ହଜାର ୧୮୭ ଟଙ୍କା ୬୫ ପଇସା ଜମା ରହିଥିଲାବେଳେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ୪୧୫ କୋଟି ୯୯ ଲକ୍ଷ ୯ ହଜାର ୪୨୭ ଟଙ୍କା ୪୮ ପଇସା ଋଣ ଲଗାଣ କରିଥିବା ନେଇ ଆଲୋଚନା ହୋଇଥିଲା।



ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ପରିଚଳାନା ପରିଷଦ ବୈଠକରେ ଆଲୋଚନା ଚାଲିଛି।



ଶୁକ୍ରବାର ଅପରାହ୍ନରେ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରୁ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଆର୍ମି ଏଡି କଲେଜକୁ ପାଛୋଟି ନିଆଯାଉଛି।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଗୁରୁତର ମିସ୍ତ୍ରିଙ୍କ ମୃତ୍ୟୁ

**ଶଙ୍କରାଖୋଲ, ୨୭।୯ (ଡି.ଏନ୍.ଏ.):** ଚକାପାଦ ବ୍ଲକ ଶଙ୍କରାଖୋଲ ଗାଁରେ ଗତ ୧୪ ତାରିଖରେ ଗୃହନିର୍ମାଣ କାର୍ଯ୍ୟରତ ମିସ୍ତ୍ରୀ ଅସାବଧାନତା ଯୋଗୁ ୩୩ କେଭି ବିଦ୍ୟୁତ୍ ତାର ଲାଗି ଗୁରୁତର ହୋଇଥିଲେ। କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ପଶ୍ଚିମବଙ୍ଗ ରାଜ୍ୟ, ମୁର୍ସିଦାବାଦ ଜିଲାର ରାଣିନଗର ଥାନା ଅଞ୍ଚଳର ମାହାମୁଦ ଅଲ୍ଲି। ଏକ ଠିକାଦାରଙ୍କ ଦ୍ୱାରା ଅଲ୍ଲି ଶଙ୍କରାଖୋଲ ଗ୍ରାମର ଜଣଙ୍କର ଗୃହନିର୍ମାଣ କାର୍ଯ୍ୟ କରୁଥିଲେ। ଗୃହ ନିର୍ମାଣ ଚାଲିଥିବା ସ୍ଥାନରେ ଅସାବଧାନତା ଯୋଗୁ କମ ଉଚ୍ଚତାରେ ଯାଇଥିବା ଏକ ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

### କାର- ପିକଅପ୍ ମୁହାଁମୁହିଁ ଧକ୍କା

**ଜି.ଉଦୟଗିରି,୨୭।୯(ଡି.ଏନ୍.ଏ.):** ଜି.ଉଦୟଗିରି ନିକଟସ୍ଥ ପଦାସାହିରେ ଶୁକ୍ରବାର ଅପରାହ୍ନ ୫ଟାରେ ଏକ ଫୁଲ କୋବି ବୋଝେଇ ପିକ୍‌ଅପ ଗାଡ଼ି ସହିତ କାରର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ କାରର ଆଗ ପଟ ଭାଙ୍ଗି ନଷ୍ଟ ହୋଇଯାଇଛି। କିନ୍ତୁ କାର ଚାଳକ ସେପରି ଆହତ ହୋଇ ନାହାନ୍ତି। ଡାଲା ପିକଅପ ଗାଡିଟି ରାଇକିଆରୁ ଭଞ୍ଜନଗର ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ କାର ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

### ମୋ ନିବେଦନ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ବେଗୁନିଆପଡା,୨୭।୯(ଡି.ଏନ୍.ଏ.):** ବେଗୁନିଆପଡ଼ା ବ୍ଲକ ବଡ ଖଇରଖମା ଓ ଚନ୍ଦନପୁର ପଞ୍ଚାୟତରେ ଶୁକ୍ରବାର ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ମୋ ନିବେଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହାକୁ ବିଡିଓ ପ୍ରଦୀପ କୁମାର ପଣ୍ଡା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ପରିଡ଼ା, ପ୍ରଗତି ସହାୟକ ନିରଞ୍ଜନ ବେହେରା, ଜିପିଇଓ ନାରାୟଣ ବେହେରା, କନିଷ୍ଠ ଯନ୍ତ୍ରୀ ଧର୍ମେନ୍ଦ୍ର ବାଡତ୍ୟା, ବଡ ଖଇରଖମା ସରପଞ୍ଚ ମୀନତି ବାରିକ, କୃଷି ବିଭାଗ, ଉଦ୍ୟାନ ବିଭାଗ ରେଭିନ୍ୟୁ ବିଭାଗ ସମେତ ବ୍ଲକ ଓ ଉଭୟ ପଞ୍ଚାୟତର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବଡ ଖଇରଖମା ପଞ୍ଚାୟତରେ ୭୨୬ ଓ ଚନ୍ଦନପୁରରେ ୨୬୭ ଅଭିଯୋଗ ଆସିଥିଲା।

### ପଦାର୍ଥ ବିଜ୍ଞାନ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା

**ଚିକିଟି,୨୭।୯(ଡି.ଏନ୍.ଏ.):** ଚିକିଟିଗଡସ୍ଥିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଶୁକ୍ରବାର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଡ. ବିଚିତ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବିଭାଗର ମୁଖ୍ୟ ଡ. ଭବାନୀ ପ୍ରସାଦ ପଣ୍ଡା, ଅଧ୍ୟାପକ ରବିନ୍ଦ୍ର କୁମାର ମହାରଣା, ତାରାପ୍ରସାଦ ପାଣିଗ୍ରାହୀ, ସୁଧୀର କୁମାର ରାଉତ ଯୋଗଦେଇ ଥିଲେ। ବିଭାଗର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଙ୍ଗୀତ ଗାନ କରାଯାଇଥିଲା। ଅଧ୍ୟାପକ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ୧୦ ଦିନରେ ୭ ଚୋରି, ପୋଲିସ ହାତଖାଲି

**କୋଦଳା,୨୭।୯(ଡି.ଏନ.ଏ.)**

କୋଦଳାରେ ୧୦ ଦିନ ମଧ୍ୟରେ ୭ ଚୋରି ହୋଇଛି, ଯାହା ପୋଲିସକୁ ଚ୍ୟାଲେଞ୍ଜ ଦେଇଛି। ଗତ ୧୫ ତାରିଖରେ କୋଦଳା ଥାନା ମଠସରସିଂ ଗ୍ରାମ ମାଛ ମାର୍କେଟରେ ରାକେଶ ମହାନ୍ତିଙ୍କ ଇଲେକ୍ଟ୍ରିକ ଦୋକାନ ଓ ମନୋଜ କୁମାର ଗୁରୁଙ୍କ ମୋବାଇଲ ଦୋକାନରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିଲା। ପରେ ଚଳିତମାସ ୨୦ ତାରିଖ ସ୍ଥାନୀୟ ପଣ୍ଡା ସାହିରେ ରୁପା ବ୍ୟବସାୟୀ ଆଦିକନ୍ଦ ମହାପାତ୍ରଙ୍କଠାରୁ ଲକ୍ଷାଧିକ ଟଙ୍କାର ସୁନା ରୁପା ସାମଗ୍ରୀ ଲୁଟ ଓ ଆସିକା ରୋଡ଼ ହାଟତୋଟାରେ ଗ୍ୟାସ ୱେଲଡ଼ିଙ୍ଗ ମେକାନିକ ମହେନ୍ଦ୍ର ସୁନ୍ଦରାଙ୍କ ବାଇକ୍ ଚୋରି ହୋଇଥିଲା। ସେପ୍ଟେମ୍ବର ୨୧ରେ ଖଲ୍ଲିକୋଟ ରୋଡ ଦଣ୍ଡିଶ୍ୱର ଛକ ନିକଟରୁ କବି ଖଟେଇଙ୍କ ଏକ ବାଇକ୍ ଏବଂ ଗତ ଗୁରୁବାର ରାତିରେ ରାମଚନ୍ଦ୍ରପୁର ସଞ୍ଜୟ ଖୁଣ୍ଟିଆଙ୍କ ମଧ ବାଇକ୍ ଚୋରି ହୋଇଛି। ସେହିଦିନ ସନ୍ଧ୍ୟାରେ ଦଣ୍ଡିଶ୍ୱର ମନ୍ଦିର ନିକଟ ପୋଖରୀକୁ କିଛି ମହିଳାଙ୍କ ସହ ଜୟ ବିଶ୍ୱାଳଙ୍କ ସ୍ତ୍ରୀ ଯାଇଥିଲେ। ସେ ଗାଧୋଇ ଆସିବା ପରେ ଜଣେ ବ୍ୟକ୍ତି ଆସି ତାଙ୍କର ମଙ୍ଗଳସୂତ୍ର ଓ କାନଫୁଲକୁ ଛଡ଼ାଇଥିଲେ । କିନ୍ତୁ ସେ ବିଫଳ ହୋଇ ଦୌଡ଼ି ପଳାଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଧରି ପୋଲିସରେ ଦେଇଛନ୍ତି। କିନ୍ତୁ ପୋଲିସ କୌଣସି ପଦକ୍ଷେପ ନେଇନଥିବାରୁ ଅଭିଯୁକ୍ତ ଧରାପଡୁନାହାନ୍ତି। ଏ ନେଇ ସ୍ଥାନୀୟ ଥାନାଧିକାରୀ ଦିଲୀପ କୁମାର ସାହୁଙ୍କ ସହ ଯୋଗାଯୋଗରୁ ସେ ବାହାରେ ଡ୍ୟୁଟିରେ ଥିବା ଯୋଗୁ ସମସ୍ତ ଏତଲାର କେସ ନଂ ଦେବାକୁ ଅସମର୍ଥନ ବୋଲି ଉତ୍ତର ଦେଇଛନ୍ତି। ଏତଲାକାରୀଙ୍କୁ ପଚାରିବାରୁ ସେମାନେ ଏତଲାର ନ କଲ ପାଇ ନ ଥିବା କହିଛନ୍ତି। ଏସ୍‌ଡିପିଓ ନିମାଇ ଚରଣ ସେଠୀଙ୍କୁ ଯୋଗାଯୋଗରେ ସେ କହିଛନ୍ତି ମୁଁ ଏହି କେସ ବିଷୟରେ ଜାଣିନି। ଅଭିଯୋଗକାରୀ ଏତଲା ନକଲ ନ ପାଇଥିବା ନେଇ ଅଭିଯୋଗ କଲେ ମୁଁ ତୁରନ୍ତ ପଦକ୍ଷେପ ନେବି। ଏଥିପ୍ରତି ପୋଲିସ ପ୍ରଶାସନ ଅଧିକାରୀ ଗୁରୁତ୍ୱ ଦେବାକୁ ସାଧାରଣରେ ଅଭିଯୋଗ ହୋଇଛି ।

# ବ୍ରହ୍ମପୁର ବଡ଼ ମେଡିକାଲରୁ ୭ ଦଲାଲ ଗିରଫ

**ବ୍ରହ୍ମପୁର ଅଫିସ,୨୭।୯**

ଗଞ୍ଜାମ ଜିଲା ବୈଦ୍ୟନାଥପୁର ଥାନା ପୋଲିସ ୭ଜଣ ଦଲାଲଙ୍କୁ ବ୍ରହ୍ମପୁର ବଡ ମେଡିକାଲରୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସଦର ଥାନା ଜଗଦଳପୁର ଗ୍ରାମର ଦୁଃଖିଶ୍ୟାମ ଦୋରା (୨୪), ବୈଦ୍ୟନାଥପୁର ଥାନା କୃଷ୍ଣନଗରର ସଞ୍ଜୟ କୁମାର ପ୍ରଧାନ (୨୭), ପୁରୁଷୋତ୍ତମପୁର ଥାନା ସୁନାଥର ଗ୍ରାମର ନାରାୟଣ ମଲ୍ଲିକ (୩୭), ଦିଗପହଣ୍ଡି ଥାନା ଅଙ୍କରଡା ଗ୍ରାମର ଶିବ ପ୍ରସାଦ ଦୋରା (୨୨), ବି.ଏନ୍.ପୁର. ଥାନା କୃଷ୍ଣନଗରର ମାନସ ପରିଡା (୨୬), ନୀଳାଞ୍ଚଳନଗରର ଭାବଗ୍ରାହୀ ଶ୍ରୀଚନ୍ଦନ ରାଏ (୩୨) ଓ ଜ୍ୟୋତିନଗରର ଲକ୍ଷ୍ମୀକାନ୍ତ ଆଚାର୍ଯ୍ୟ (୫୩) ବୋଲି ପୋଲିସ ସୂଚନା ଦେଇଛି। ଶୁକ୍ରବାର ଅଭିଯୁକ୍ତମାନଙ୍କୁ ମାମଲା ନଂ.୨୦୪/୧୯ରେ କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, ବଡ ମେଡିକାଲର ବହିଃବିଭାଗ ଓ ବିଭିନ୍ନ ୱାର୍ଡରେ କେତେଜଣ ଯୁବକ ଦଲାଲି କରୁଥିବା ପୋଲିସ ଖବର ପାଇଥିଲା। ବିଭିନ୍ନ ୱାର୍ଡରେ ବୁଲି ଏମାନେ ରୋଗୀଙ୍କୁ ଘରୋଇ ନର୍ସିଂ ହୋମ୍‌କୁ ପଠାଉଥିଲେ। ଏପରିକି ଔଷଧ କିଣିବା ପାଇଁ ମଧ୍ୟ ରୋଗୀ ସମ୍ପର୍କୀୟଙ୍କୁ ବିଭିନ୍ନ ଔଷଧ ଦୋକାନ ଓ ରୋଗ ନିଦାନ ପାଇଁ ଘରୋଇ ନିଦାନ କେନ୍ଦ୍ରକୁ ନେଉଥିଲେ। ଏମାନଙ୍କ ଉପରେ ପୋଲିସ ଦୀର୍ଘଦିନ ହେଲା ନଜର ରଖିଥିଲା। ଗୁରୁବାର ଚଢାଉ କରି ଏମାନଙ୍କୁ କାବୁ କରିଥିବା ପୋଲିସ କହିଛି।

# ନାଟ୍ୟାନୁଷ୍ଠାନ ଶାଶ୍ୱତୀ ପୁରସ୍କୃତ

**ବ୍ରହ୍ମପୁର ଅଫିସ, ୨୭।୯**

ଉତ୍ତରପ୍ରଦେଶର ଆଗ୍ରାଠାରେ ନଟ୍ରାଞ୍ଜଳୀ ଦ୍ୱାରା ଆୟୋଜିତ ଅଅନ୍ତର୍ଜାତୀୟ ବହୁଭାଷୀ ନାଟକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ରହ୍ମପୁରର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଶାଶ୍ୱତୀ ପୁରସ୍କୃତ ହୋଇଛି। ମହୋତ୍ସବରେ ଅନୁଷ୍ଠାନ ପକ୍ଷରୁ ମଞ୍ଚସ୍ଥ ହୋଇଥିବା ଭାଗ୍ୟଲକ୍ଷ୍ମୀ ମହାରଣାଙ୍କ ରଚିତ ନାଟକ 'ବସାଘର' ଶ୍ରେଷ୍ଠ ବିବେଚିତ ହୋଇଛି। ଏଥିସହ ଅନ୍ୟାନ୍ୟ କ୍ଷେତ୍ରରେ ୬ଟି ପୁରସ୍କାର ହାସଲ କରିଛି । ନାଟକର ସଙ୍ଗୀତ ପାଇଁ ଅନୁଷ୍ଠାନର ଅରୁଣ କୁମାର ସାହୁ ଓ ବାବୁଲା ଦାଶଙ୍କୁ ତୃତୀୟ ପୁରସ୍କାର ମିଳିଥିବା ବେଳେ ଖଳନାୟିକା ଚରିତ୍ର ପାଇଁ ପିଙ୍କି ପରିଡ଼ାଙ୍କୁ ପ୍ରଥମ ପୁରସ୍କାର ମିଳିଛି । ସେହିପରି ପାର୍ଶ୍ୱ ଅଭିନେତ୍ରୀ ଭାବେ ଭବାନୀ ବେହେରା ଓ ଶ୍ରେଷ୍ଠ ନାରୀ ଚରିତ୍ର ପାଇଁ ଯଶୋଦା ବେହେରାଙ୍କୁ ତୃତୀୟ ପୁରସ୍କାର ମିଳିଛି । ଆରତୀ ସାମଲ ଶ୍ରେଷ୍ଠ ଜୁରି ଭାବେ ପୁରସ୍କୃତ ହୋଇଛନ୍ତି। ସୂଚନାଯୋଗ୍ୟ, ମଞ୍ଚନାୟିକା ଲତା ନାୟକଙ୍କ ସ୍ମୃତିରେ ତାଙ୍କୁ ଉତ୍ସର୍ଗୀକୃତ 'ବସାଘର' ନାଟକର ନିର୍ଦ୍ଦେଶନା ଦେଇଥିଲେ ରାମଚନ୍ଦ୍ର ସାସମଲ । ଭାଗ୍ୟଲକ୍ଷ୍ମୀ ମହାରଣା, ଅନୀତା, ସସ୍ମିତା କୁମାରୀ ରାଉତ, ରବୀନ୍ଦ୍ରନାଥ ସାମଲ, ସୁନୀଲ କୁମାର ସ୍ୱାଇଁ, ନଳିନୀକାନ୍ତ ଗୌଡ ପ୍ରମୁଖ ଅଭିନୟ କରିଥିଲେ । ଅଞ୍ଜଳି ଦାଶ, କୈଳାଶ ପାଣିଗ୍ରାହୀ, ବିଜୟଲକ୍ଷ୍ମୀ ପାଢୀ, ରଜନୀ ଧାଉଡିଆ ପ୍ରମୁଖ ସହଯୋଗ କରିଥିଲେ ।



ପୁରସ୍କାର ସହ ଅନୁଷ୍ଠାନର କଳାକାରମାନେ।

**ଅନ୍ତର୍ଜାତୀୟ ବହୁଭାଷୀ ନାଟ୍ୟୋତ୍ସବ**

## ଅବସରପ୍ରାପ୍ତ କନଷ୍ଟେବଲଙ୍କ ଆତ୍ମହତ୍ୟା

**ଗୋପାଳପୁର,୨୭।୯**

ଅବସରପ୍ରାପ୍ତ ଜଣେ କନଷ୍ଟେବଲ ଶୁକ୍ରବାର ଆତ୍ମହତ୍ୟା କରିଥିବା ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ସେ ହେଲେ ଗୋପୀନାଥପୁର ଗାଁର ମଦନ ସାହୁ (୬୦)। ମଦନ କନଷ୍ଟେବଲ ଚାକିରିରୁ ଅବସର ନେବା ପରେ ଗ୍ରାମରେ ରହୁଥିଲେ। ଗତ ୨୨ ତାରିଖରେ ମଦନ ଓ ବଡ଼ ଭାଇଙ୍କ ୨ ପୁଅ ସହିତ କୌଣସି କଥାକୁ ନେଇ ପାଟି ତୁଣ୍ଡ ହୋଇ ମାରପିଟ ହୋଇଥିଲା। ଫଳରେ ମଦନ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ଗୁରୁବାର ପରିବାର ଲୋକେ ଖାଇ ପିଇ ଶୋଇଥିଲେ। ମଧ ରାତିରେ ମଦନ ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରୁଥିବା ବେଳେ ଶବ୍ଦ ଶୁଣି ଘର ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋଳନ୍ଥରା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସେଠାରୁ ମଦନଙ୍କ ହାତ ଲେଖା ସୁଇସାଇଡ ନୋଟ ଜବତ ହୋଇଛି। ମୋର ମୃତ୍ୟୁ ପାଇଁ ବଡ ଭାଇର ଦୁଇ ପୁଅ ଦାୟୀ ବୋଲି ଲେଖାଥିବା ଜଣାପଡିଛି। ଏ ନେଇ ତାଙ୍କ ପୁଅ ଲଳିତ କୁମାର ଥାନାରେ ଅଭିଯୋଗ କରିଥିଲେ। ନଂ. ୨୩୪/୧୯ ପୋଲିସ ମାମଲା ରୁଜୁ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# ତହସିଲ ପକ୍ଷରୁ ଜମି, ଘର ପଟ୍ଟା ପ୍ରଦାନ

**ପୁରୁଷୋତ୍ତମପୁର, ୨୭।୯(ଡି.ଏନ.ଏ.)**

ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ପୁରୁଷୋତ୍ତମପୁର ତହସିଲ ପକ୍ଷରୁ ଗୁରୁବାର ଡାକଯୋଗେ ୧୬୯ ହିତାଧିକାରୀଙ୍କୁ ଜମି ଓ ଘରର ପଟ୍ଟା ପ୍ରଦାନ କରାଯାଇଛି। ତହସିଲଦାର ଅରୁଣ କୁମାର ନାୟକ ଓ ଅତିରିକ୍ତ ତହସିଲଦାର ଶୋଭନ କୁମାର ବେହେରା ଆବେଦନକାରୀଙ୍କ ମ୍ୟୁଟେଶନ କେସର ବିଚାର ସହ ତାହାର ଫଇସଲା କରି ହିତାଧିକାରୀଙ୍କ ଘରକୁ ଡାକ ଯୋଗେ ଜମି ଓ ଘରର ପଟ୍ଟା ପଠାଇଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୯ ଶହରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ନିକଟ ପଟ୍ଟା ପଠା ଯାଇଥିବାର ତହସିଲଦାର ନାୟକ କହିଛନ୍ତି। ଏହି ପ୍ରକ୍ରିୟା ଏଭଳି ଜାରି ରହିବ। ଲୋକେ ତହସିଲ କାର୍ଯ୍ୟାଳୟକୁ ଦୌଡି ଯେପରି ହଇରାଣ ନ ହେବେ ସେଥିନେଇ ଏଭଳି ପଦକ୍ଷେପ ନିଆଯାଇଥିବାର ମଧ୍ୟ କହିଛନ୍ତି।

# ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

**ବେଗୁନିଆପଡ଼ା,୨୭।୯(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକ ଜନତା ନୋଡ଼ାଲ ହାଇସ୍କୁଲ ପରିସରରେ ଶୁକ୍ରବାର ବ୍ଲକ ସ୍ତରୀୟ ଖେଳ ପ୍ରତିଯୋଗିତା ଓ ବିଜ୍ଞାନ ସେମିନାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା ଉଦ୍‌ଘାଟନ କରିଥିଲେ। ପରେ କବାଡ଼ି ପ୍ରତିଯୋଗିତା ହୋଇଥିଲା। ଏଥିରେ ଜୁନିୟର ଓ ସିନିୟର ବିଭାଗରେ ମୋଟ ୧୧୭ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥି ମଧ୍ୟରୁ ୧୬ଜଣଙ୍କୁ ଚୟନ କରାଯାଇଛି। ଏମାନେ ଜିଲା ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ସେହିଭଳି ବିଜ୍ଞାନ ସେମିନାରରେ ୧୩ ପ୍ରକଳ୍ପ ଅଂଶ ଗ୍ରହଣ କରିଥିବା ବେଳେ କୋଦଳା ନୋଡାଲ ବାଳିକା ଉଚ୍ଚ ବିଦ୍ୟାଳୟର ୧୦ ଶ୍ରେଣୀ ଛାତ୍ରୀ ଲିଜା ଜେନାଙ୍କ ପ୍ରକଳ୍ପଟି ଚୟନ ହୋଇଥିଲା। ଏଥିରେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗୀରଥି ସ୍ୱାଇଁ, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳା କାନ୍ତ ସାହୁ, ବିଜ୍ଞାନ ଶିକ୍ଷକ ପଙ୍କଜ କୁମାର ବେହେରା, ଖେଳ ଶିକ୍ଷକ ସୂର୍ଯ୍ୟ ନାରାୟଣ ଜେନା ପ୍ରମୁଖ ସହଯୋଗ କରିଥିଲେ।

# ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

**ଗୋପାଳପୁର,୨୭।୯**

ଜିଲା ପ୍ରଶାସନ ଓ ଗୋପାଳପୁର ଏନ୍‌ଏସି ମିଳିତ ଆନୁକୂଲ୍ୟରେ ଗୋପାଳପୁର ବେଳାଭୂମିରେ ଶୁକ୍ରବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅମିୟ କୁମାର ସେଠୀ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ହୋଟେଲ ଆସୋସିଏଶନର ଇ. ଉମା ଶଙ୍କର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଗୋପାଳପୁର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମାଶଙ୍କର ସେଠୀ, ଗୋପାଳପୁର କଲେଜର ଅଧକ୍ଷ ଡ. ରାମଚନ୍ଦ୍ର ଜେନା, ପାନ୍ଥନିବାସର ପରିଚାଳକ ସନ୍ତୋଷ କୁମାର ସାମନ୍ତରାୟ, ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ ସନାତନ ନାୟକ ପ୍ରମୁଖ ଜିଲାର ସାଂସ୍କୃତିକ ପରମ୍ପରା ଓ ଐତିହ୍ୟ କୀର୍ତ୍ତି ଢୋଲ ବାଦ୍ୟ ସହ ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଦର୍ଶନ କରିଥିଲେ। ଏଥିସହ ଗୋପାଳପୁର ବେଳାଭୂମିରେ ସଫେଇ କରାଯାଇଥିଲା। ଏହି ଅବସରରେ ସନ୍ତୋଷ କୁମାର ସାମନ୍ତରାୟ, ଶରତ ଚନ୍ଦ୍ର ପ୍ରଧାନ, ସ୍ଥାନୀୟ ବାସିନ୍ଦା ସାମିଲ ଥିଲେ।

# ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ପିଡି

**ଆର.ଉଦୟଗିରି,୨୭।୯(ଡି.ଏନ.ଏ.)**

ଆର.ଉଦୟଗିରି ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଗୁରୁବାର ନୂଆଗଡ଼ ଓ ସ୍ଥାନୀୟ ବ୍ଲକର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଜିଲା ପ୍ରକଳ୍ପ ଅଧିକାରୀ (ପିଡି) ଚଞ୍ଚଳା ରଣା ଯୋଗଦେଇ କାର୍ଯ୍ୟଗୁଡ଼ିକର ସମୀକ୍ଷା କରିଥିଲେ। ଏଥିରେ ନୂଆଗଡ଼ ବ୍ଲକ ଓ ଆର.ଉଦୟଗିରି ବ୍ଲକର ବିଭିନ୍ନ ପଞ୍ଚାୟତରେ ସରକାରଙ୍କ ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନିର୍ମାଣାଧୀନ ଶ୍ରମିକମାନଙ୍କୁ ଯୋଗାଣ ହୋଇଥିବା ଗୃହ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ଉପରେ ପଚାରି ବୁଝିଥିଲେ। ନୂଆଗଡ଼ ବ୍ଲକର କିରାମା ଏବଂ ସୁନ୍ଦରଡ଼ାଙ୍ଗ ଓ ଅନ୍ୟ ପଞ୍ଚାୟତରେ କାର୍ଯ୍ୟରେ ଅବହେଳା କରୁଥିବା ନିର୍ବାହୀ ଅଧିକାରୀଙ୍କୁ କାମଗୁଡ଼ିକ ତ୍ୱରାନ୍ୱିତ କରିବା ପାଇଁ ତାଗିଦ୍ କରିଥିଲେ। ଆର.ଉଦୟଗିରି ବିଡିଓ ପ୍ରଦୀପ କୁମାର ନାୟକ ଓ ନୂଆଗଡ଼ ବିଡିଓ ପ୍ରଫୁଲ୍ଲ କୁମାର ମୁର୍ମୁ, ସହକାରୀ ଯନ୍ତ୍ରୀ ବି. ଶାନ୍ତନୁ କୁମାର ଓ ପିକେ ପଟ୍ଟନାୟକ, ବ୍ଲକର ସମସ୍ତ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଜିଆରଏସ, ଏପିଓ ପ୍ରମୁଖ ଯୋଗ ଦେଇଥିଲେ ।



ବ୍ଲକ କାର୍ଯ୍ୟାଳୟରେ ହୋଇଥିବା ସମୀକ୍ଷା ବୈଠକ।

## ନୂଆପଡ଼ା ପାଠାଗାର ପରିଚାଳନା ବିବାଦ

# ସମାଧାନ ପାଇଁ ଜିଲାପାଳଙ୍କୁ ସ୍ମାରକପତ୍ର

**ଚିକିଟି,୨୭।୯(ଡି.ଏନ.ଏ.)**

ଚିକିଟି ବ୍ଲକ ନୂଆପଡ଼ା ଗାଁରେ ଥିବା ପାଠାଗାର ପରିଚାଳନାକୁ କେନ୍ଦ୍ର କରି ଦୀର୍ଘ ଦିନ ଧରି ବିବାଦ ଲାଗି ରହିଛି। ଶୀଘ୍ର ଏହାର ସମାଧାନ ପାଇଁ ନୂଆପଡା ସରପଞ୍ଚ ଏସ୍.ମମତା ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ଶୁକ୍ରବାର ଅପରାହ୍ନରେ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ୩୦ ତାରିଖ ସୁଦ୍ଧା ଏହା ସମାଧାନ ନ ହେଲେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ୨୦ବର୍ଷ ହେଲା ଉକ୍ତ ପାଠାଗାରରେ ତାଲା ଝୁଲୁଛି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ପାଠାଗାରରେ ମୂଲ୍ୟବାନ ପୁସ୍ତକ ଗୁଡିକ ଉଈ ଖାଇ ନଷ୍ଟ ହୋଇଗଲାଣି। ଛାତ୍ରୀଛାତ୍ର କିମ୍ବା ଜନସାଧାରଣ ସେଠାକୁ ଯାଇପାରୁନାହାନ୍ତି। ପାଠଗାର ନାଁରେ ବହୁ ମୂଲ୍ୟବାନ ସମ୍ପତ୍ତି ଥିଲେ ମଧ ତାହା କାମରେ ନ ଲାଗି ହରିଲୁଟ୍ ହେଉଛି । ଏ ନେଇ ପାଠାଗାର ସଭାପତିଙ୍କୁ ଜନପ୍ରତିନିଧି ପଚାରିବାରୁ ସେ କୌଣସି ତଥ୍ୟ ଦେଇ ନ ଥିଲେ। ପରେ ଗ୍ରାମର ଜଣଙ୍କୁ ନେଇ ସୂଚନା ଅଧିକାର ଆଇନ୍ ଅନୁସାରେ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ଉପରେ ତଥ୍ୟ ମାଗି ମୋତେ ବଦନାମ କରିବା ସହିତ ମୋର ସ୍ୱାମୀ ଓ ଦିଅରଙ୍କୁ ମାରିଦେବାକୁ ଧମକ ଦେଉଛନ୍ତି। ଏନେଇ ଚିକିଟି ବିଡିଓଙ୍କୁ ଜଣାଇଲେ ସୁଦ୍ଧା କୌଣସି ସୁଫଳ ମିଳିନଥିଲା। ତେଣୁ ଏହାର ଏକ ନକଲ ମୁଖ୍ୟ ଶାସନ ସଚିବ ଓଡ଼ିଶା, ସେକ୍ରେଟେରୀ ପଞ୍ଚାୟତିରାଜ ଓଡିଶା, ବ୍ରହ୍ମପୁର ଉପଜିଲାପାଳ, ଏସ୍‌ପି ବ୍ରହ୍ମପୁର, ଏସ୍‌ଡିପିଓ ଚିକିଟି, କେ.ନୂଆଗାଁ ଥାନାଧିକାରୀ, ନୂଆପଡା ଫାଣ୍ଡି ଅଧିକାରୀଙ୍କୁ ପଠାଯାଇଛି । ଏ ସମ୍ପର୍କରେ ପାଠାଗାର ପରିଚାଳନାର ସଭାପତି ଇ.ତେଜେଶ୍ୱର ରାଓଙ୍କ ପଚାରିବାରୁ ଏହି ଅଭିଯୋଗଗୁଡିକୁ ଅସ୍ୱୀକାର କରିଛନ୍ତି। ଏସ୍.ମମତାଙ୍କୁ ପଚାରିବାରୁ ସରକାରଙ୍କ ନୀତିନିୟମ ପ୍ରକାରେ ବିଭିନ୍ନ ଯୋଜନା କରାଯାଇଛି । ଯେ କୌଣସି ଉପରେ ତଦନ୍ତ ପାଇଁ ପ୍ରସ୍ତୁତ ଥିବା କହିଛନ୍ତି। ସମ୍ମିଳନୀରେ ସମିତିସଭ୍ୟା ବି ଆମୁଜି, ନୂଆପଡା ପୂର୍ବତନ ସରପଞ୍ଚ ଅନିଲ ଗୌଡ, ଶ୍ୟାମାକାନ୍ତ ତ୍ରିପାଠୀ, ସାମାଜିକ କର୍ମୀ ତଥା ବିଜେଡିର ଯୁବନେତା ବି କୃଷ୍ଣମୂର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀ।

## ସଂକ୍ଷେପରେ

### ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

ଶେରଗଡ଼,୨୭।୯(ଡି.ଏନ.ଏ.)-ଶେରଗଡ଼ ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ ଉଚ୍ଚ ବିଦ୍ୟାଳୟର ୩୦ଜଣ ଛାତ୍ରୀଛାତ୍ର ଯୋଗଦେଇ ବିଜ୍ଞାନ ପ୍ରକଳ୍ପ ଉପରେ ଜ୍ଞାନ କୌଶଳ ବର୍ଣ୍ଣନା କରିଥିଲେ। ଅତିଥି ଭାବେ ବିଡିଓ ସୁରଞ୍ଜନ କୁମାର ସାହୁ, ବିଇଓ ଭାସ୍କର ଲେଙ୍କା, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାମଲ, ବିଚାରକ ଭାବେ ଉଦୟ ପ୍ରତାପ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧାପକ କାହ୍ନୁଚରଣ ଲେଙ୍କା ପ୍ରମୁଖ ଯୋଗଦେଇ ଜିଲାସ୍ତରକୁ ୨ ପ୍ରତିଯୋଗୀଙ୍କୁ ଚୟନ କରିଛନ୍ତି। ସେମିନାରକୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ତାରିଣି ସଂଯୋଜନା କରିଥିଲେ।

### ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ପ୍ରତିଯୋଗିତା

ଧରାକୋଟ,୨୭।୯(ଡି.ଏନ.ଏ.)- ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ଧରାକୋଟ ବ୍ଲକର ୧୪୭ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଭା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଚିତ୍ରାଙ୍କନ ପାଇଁ ୫୩, ୯ମ ଓ ୧୦ମ ଶ୍ରେଣୀର ୧୫ ଜଣ, ତର୍କ ପାଇଁ ଜୁନିୟର ସ୍ତରରେ ୫୫ ଜଣ ଓ ସିନିୟର ସ୍ତରରେ ୧୦ ଜଣ ଅଂଶଗ୍ରହଣ କରିଥିଲେ। ସେହିପରି ସାଧାରଣ ଜ୍ଞାନ ପାଇଁ ଜୁନିୟରରେ ୬୫, ସିନିୟର ସ୍ତରରେ ୨୫ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହାକୁ ବିଡିଓ ଅଜୟ କୁମାର ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ରୂପେ ପୂର୍ବତନ ସରପଞ୍ଚ ଦିଲୀପ କୁମାର ସ୍ୱାଇଁ, ଏବିଇଓ ବାସୁଦେବ ନାୟକ ଓ ବରିଷ୍ଠ ଶିକ୍ଷକ ଗଣେଶ ପୁରୋହିତ ମଞ୍ଚାସୀନ ଥିଲେ। ବିଆରସିସି ଗୌରୀ ଶଙ୍କର ବେହେରା ଉତ୍ସବ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ କୃତୀ ୧୮ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ରୌପ୍ୟ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

ବେଗୁନିଆପଡ଼ା,୨୭।୯(ଡି.ଏନ.ଏ.)- ବେଗୁନିଆପଡ଼ା ବ୍ଲକ ଏସ. ଛଟିନାସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ରୌପ୍ୟ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସ୍ପହା ଜୋନ ଶିକ୍ଷା ସଂଯୋଜକ ୟୁ.ସୀମାଞ୍ଚଳ, ଆବାହକ ଭାଗୀରଥି ମହାପାତ୍ର, ଜିଲା ଆବାହକ ଶଶଧର ବେହେରା, ବିଦ୍ୟାଳୟ ଅଧକ୍ଷ ସନ୍ତୋଷ କୁମାର ନାୟକ, ପୂର୍ବତନ ସମିତିସଭ୍ୟ ପ୍ରିୟରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ଆସନ୍ତା ନଭେମ୍ବରରୁ ୨୦୨୦ ନଭେମ୍ବର ମାସ ପର୍ଯ୍ୟନ୍ତ ପ୍ରତି ମାସରେ ଗୋଟିଏ ଗୋଟିଏ କାର୍ଯ୍ୟକ୍ରମ କରାଯିବ। ଏଥି ମଧରେ କର୍ମଶାଳା, ପ୍ରତିଯୋଗିତା, ବୈଠକ ଆଦି ଅନୁଷ୍ଠିତ ହେବ ବୋଲି ଅଧକ୍ଷ ପ୍ରକାଶ କରିଛନ୍ତି।

■ ଜଙ୍ଗଲ ଆଇନ ସଂଶୋଧନ ଯୋଜନା

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଦିବାସୀଙ୍କ ବିକ୍ଷୋଭ

ଭଞ୍ଜନଗର,୨୭।୯(ଡି.ଏନ.ଏ.)

**୧୧ ଲକ୍ଷ ଆଦିବାସୀ ଜଙ୍ଗଲରୁ ଉଚ୍ଛେଦ ଆଶଙ୍କା**

୧୯୨୭ ମସିହା ଜଙ୍ଗଲ ଜମି ଆଇନକୁ କେନ୍ଦ୍ର ସରକାର ସଂଶୋଧନ କରିବାକୁ ଯାଉଛନ୍ତି। ଉକ୍ତ ଆଇନ କାର୍ଯ୍ୟାକାରୀ ହେଲେ ଦେଶରେ ୧୧ଲକ୍ଷ ଆଦିବାସୀ ପରିବାର ଜଙ୍ଗଲ ଜମି ପଟ୍ଟା ପାଇବାରୁ ବଞ୍ଚିତ ହେବେ। ଏହି ଆଶଙ୍କାରେ ଶୁକ୍ରବାର ଚାଷୀ ମୂଲିଆ ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆନ୍ଦୋଳନର ନେତୃତ୍ୱ ଜିଲା ସଭାପତି ନିରାକର ନାୟକ ନେଇଥିଲେ। ଏହି ଅବସରରେ ସେ କହିଥିଲେ ଯେ, ୨୦୦୬ରେ ପ୍ରାୟ ୧୧ଲକ୍ଷ ଆଦିବାସୀଙ୍କ ଜଙ୍ଗଲ ଜମି ପଟା ଆବେଦନକୁ ନାକଚ କରି ଦିଆଯାଇଥିଲା। ନୂଆ ଆଇନ କାର୍ଯ୍ୟକାରୀହେଲେ ଉକ୍ତ ଆଦିବାସୀମାନେ ଜଙ୍ଗଲ ଜମି ପଟା ପାଇବାରୁ ବଞ୍ଚିତ ହେବେ। ପୁରୁଷ ପୁରୁଷ ଧରି ଜଙ୍ଗଲରେ ବସବାସ କରୁଥିବା ଆଦିବାସୀଙ୍କ ଭବିଷ୍ୟତ ଅନ୍ଧକାର ହୋଇପଡ଼ିବ। ତେଣୁ ସରକାର ଆଦିବାସୀଙ୍କ କଥାକୁ ବିଚାରକୁ ନେଇ ସେମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବା ପାଇଁ ନାୟକ ଦାବି କରିଥିଲେ। ଭୂମିହୀନକୁ ଭୂମି ପ୍ରଦାନ, ଗ୍ରାମାଞ୍ଚଳର ସମସ୍ତ ରାସ୍ତାକୁ ପକ୍କା, ପାଣି, ବିଜୁଳି, ରାଶନ କାର୍ଡ଼ ପ୍ରମୁଖ ସୁବିଧା ଯୋଗାଇ ଦେବାପାଇଁ ଆଦିବାସୀମାନେ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀକାନ୍ତ ମହାନ୍ତି, ଆଇନଜୀବୀ ଅଭିମନ୍ୟୁ ଗୌଡ଼, ଦଣ୍ଡପାଣି ସ୍ୱାଇଁ, କୁବେର ଦଳବେହେରା, ଗଣନାଥ ମଳିକ, କୈଳାସ ମଳିକ, ପର୍ଶୁରାମ ଗୌଡ଼ ପ୍ରମୁଖ ଯୋଗଦେଇ ସରକାର ଆଦିବାସୀମାନଙ୍କୁ ତାଙ୍କ ହକ୍‌ରୁ ବଞ୍ଚିତ କଲେ ପରିସ୍ଥିତି ଭୟାବହ ହେବ ବୋଲି କହିଥିଲେ।



ବିକ୍ଷୋଭ ସଭା।

### ବ୍ଲକ୍ ସ୍ତରୀୟ ବିଜ୍ଞାନ ପାଠଚକ୍ର

ଆସିକା,୨୭।୯(ଡି.ଏନ୍.ଏ.)

ଆସିକା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଶୁକ୍ରବାର ଏକ ବ୍ଲକ୍ ସ୍ତରୀୟ ବିଜ୍ଞାନ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ପାଠଚକ୍ରରେ ମନୁଷ୍ୟ ପାଇଁ ରାସାୟନିକ ଉପାଦାନର ମହତ୍ୱ (ପିରିଓଡିକ୍ ଟେବୁଲ୍ ଏଣ୍ଡ୍ କେମିକାଲ୍) ସମ୍ପର୍କରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ସେମାନଙ୍କ ମତବ୍ୟକ୍ତ କରିଥିଲେ। ପ୍ରତିଯୋଗିତାରେ ବାବନପୁର ଚିନିଶିଳ୍ପ ହାଇସ୍କୁଲର ଛାତ୍ର ଆକାଶ ନାୟକ ପ୍ରଥମ, ମୁନିଗାଡି ହାଇସ୍କୁଲର ଛାତ୍ରୀ ସ୍ୱର୍ଣ୍ଣଲତା ସେଠୀ ଦ୍ୱିତୀୟ ଓ ଦେବଭୂମି ହାଇସ୍କୁଲର ଛାତ୍ରୀ ନନ୍ଦିନୀ ନାହାକ ତୃତୀୟ ସ୍ଥାନ ହାସଲ କରିଥିବା ଜଣାଯାଇଛି। ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧାପକ ପ୍ରମୋଦ କୁମାର ମିଶ୍ର ଓ ଲୋକନାଥ ଷଡଙ୍ଗୀ ବିଚାରକ ଭାବେ ଯୋଗଦେଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ କୃତିବାସ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜଲି ମହାପାତ୍ର ପରିଚାଳନା କରିଥିଲେ।

# ପ୍ଲାଷ୍ଟିକ୍ ହଟାଅ ଶୋଭାଯାତ୍ରା



ଛାତ୍ରୀଛାତ୍ର ଶୋଭାଯାତ୍ରାରେ ନଗର ପରିକ୍ରମା କରୁଛନ୍ତି।

ଭଞ୍ଜନଗର,୨୭।୯(ଡି.ଏନ.ଏ)

ଭଞ୍ଜନଗର ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଉପେନ୍ଦ୍ର ଭଞ୍ଜ ହାଇସ୍କୁଲର ମିଳିତ ସହଯୋଗରେ ଶୁକ୍ରବାର ପ୍ଲାଷ୍ଟିକ୍ ହଟାଅ ଅଭିଯାନ ସଚେତନତା ରାଲି ସହରରେ ଅନୁଷ୍ଠିତ ହୋଇଥିଲା। ଉପେନ୍ଦ୍ର ଭଞ୍ଜ ହାଇସ୍କୁଲରୁ ରାଲି ବାହାରିଥିଲା। ଜାତୀୟ ରାଜପଥ ବ୍ରହ୍ମପୁର ଡ଼ିଭିଜନର ଯନ୍ତ୍ରୀ ସତ୍ୟ ନାରାୟଣ ସାହୁ ପତାକା ହଲାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଶଙ୍କର ପ୍ରସାଦ ପଟ୍ଟନାୟକ, ରମେଶ ଚନ୍ଦ୍ର ଗୌଡ଼, ପ୍ରଶାନ୍ତ କୁମାର ପ୍ରଧାନ, ଶିକ୍ଷୟିତ୍ରୀ ସଲିଳା ଶତପଥୀ, ସି. ଏଚ୍. ସସ୍ମିତା ପାତ୍ର, ଶୋଭାରାଣୀ ମହାପାତ୍ର, ବିଳାସିନି ଜେନା ପ୍ରମୁଖ ସହଯୋଗ କରିଥିଲେ।

### ଆମ ପୋଲିସ ସମିତି ବୈଠକ

ବାଲିଗୁଡା,୨୭।୯(ଡି.ଏନ.ଏ.)

ବାଲିଗୁଡା ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ସ୍ଥାନୀୟ ଥାନାଅଧିକାରୀ ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଟିଏମ ଲୁଟେରାଙ୍କ ପ୍ରତି ସାବଧାନ ରହିବା ସହ, ଟ୍ରାଫିକ୍ ନିୟମ ମାନି ଗାଡି ଚଳାଇବା, ଶିଶୁ ନିର୍ଯାତନା, ପକ୍‌ସୋ ନିୟମ, ମିଥ୍ୟାକେଶ ଉପରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ସମସ୍ତଙ୍କୁ ନିଜନିଜ ଅଞ୍ଚଳରେ ଯାଇ ସାଧାରଣ ଲୋକଙ୍କୁ ଆଜିର ଆଲୋଚନା ଉପରେ ସଚେତନତା କରାଇବାକୁ ଥାନାଅଧିକାରୀ କହିଛନ୍ତି। ଏନ୍‌ଏସି ଅଧକ୍ଷା ମମତା ବେହେରା, ଉପାଧକ୍ଷ ତଥା ମା' ପାଟଖଣ୍ଡା ଦୁର୍ଗାପୁଜା ସମିତିର ସଭାପତି ଲୋକନାଥ ପାଢୀ, ସମ୍ପାଦକ ଶ୍ରୀନିବାସ ରାଓ, କ୍ଳେଶ ପ୍ରଧାନ, ମନୋଜ ଆଚାର୍ଯ୍ୟ, ଅବନି ନାୟକ, ଚିତ୍ତରଞ୍ଜନ ନାୟକ, ପ୍ରମୋଦ ଦଣ୍ଡସେନା, ଭଗବତୀ ପ୍ରସାଦ ସାବତ, ଲଣ୍ଡାଗାଁର ଦେବେନ୍ଦ୍ର କୁଦେଇ ପ୍ରମୁଖ ଉପସ୍ଥିତ ଥିଲେ।

**ସରକାରୀ କାର୍ଯ୍ୟାଳୟକୁ ଦଲାଲମୁକ୍ତ ଯୋଜନା**

# ଭଞ୍ଜନଗର ଆର୍‌ଟିଓ ପରିସରରୁ ୪ ଗିରଫ

ଭଞ୍ଜନଗର,୨୭।୯(ଡି.ଏନ.ଏ.)

ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଦଲାଲଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଦଲାଲ ଲାଭବାନ ହେଉଥିବାବେଳେ ଲୋକେ ଖର୍ଚ୍ଚାନ୍ତ ହେଉଛନ୍ତି। ଦଲାଲ ଦ୍ୱାରା ଲାଭଖୋର କିଛି କର୍ମଚାରୀ ମଧ୍ୟ ଲାଭବାନ ହେଉଥିଲେ। ଏହିଭଳି ପରିସ୍ଥିତିରେ ରାଜ୍ୟ ସରକାର ପ୍ରାରମ୍ଭିକ ପର୍ଯ୍ୟାୟରେ ମେଡ଼ିକାଲ, ଆର୍‌ଟିଓ ସମେତ ପ୍ରମୁଖ କାର୍ଯ୍ୟାଳୟକୁ ଦଲାଲ ମୁକ୍ତ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ଦଲାଲମାନେ ଯେଉଁ କାର୍ଯ୍ୟ କରୁଥିଲେ ତାହା ସରକାରୀ କର୍ମଚାରୀମାନେ କେତେଦୁର ଲୋକଙ୍କ ପାଇଁ ନିସ୍ୱାର୍ଥପର ଭାବେ କରୁଛନ୍ତି ତାହା ଦେଖିବା କଥା। ଯଦି କର୍ମଚାରୀମାନେ ବିନା ଦଲାଲରେ ଅଶିକ୍ଷିତ ଲୋକଙ୍କୁ ସାହାର୍ଯ୍ୟ ଯୋଗାଇ ଦେବେ ସରକାରଙ୍କ ଲକ୍ଷ୍ୟ ସାଧନ ହୋଇପାରିବ। ଏହିଭଳି ପରିସ୍ଥିତିରେ ଭଞ୍ଜନଗର ପୋଲିସ ଶୁକ୍ରବାର ଭଞ୍ଜନଗର ଆର୍‌ଟିଓ ଅଫିସ ପରିସରରେ ଚଢ଼ାଉ କରି ୪ ଦଲାଲଙ୍କୁ ଗିରଫ କରିଛି। ଚଢ଼ାଉ ଦେଖି ଅନ୍ୟ ଦଲାଲମାନେ ଦୌଡ଼ି ପଳାଇଥିଲେ। ଚଢ଼ାଉ ସମୟରେ କାର୍ଯ୍ୟାଳୟରେ ଆରଟିଓ ସମେତ ଆଉ କିଛି କର୍ମଚାରୀ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ପଡ଼ିଆରେ ଡ୍ରାଇଭିଙ୍ଗ୍ ପରୀକ୍ଷାରେ ବ୍ୟସ୍ତ ଥିଲେ। ଭଞ୍ଜନଗର ସହରର ଅନେକ ସରକାରୀ କାର୍ଯ୍ୟାଳୟରେ ଦଲାଲମାନଙ୍କ ପ୍ରାଦୁର୍ଭାବ ବଢ଼ିଯାଇଛି। ପୋଲିସ ଏମାନଙ୍କୁ କେତେଦୂର ଦମନ କରିବାରେ ସକ୍ଷମ ହେଉଛି ତାହା ସମୟ କହିବ। କିନ୍ତୁ ସରକାରଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ପ୍ରଶାସନ ପକ୍ଷରୁ ଏହି ଯେଉଁ ପଦକ୍ଷେପ ନିଆଯାଇଛି ତାହା ସ୍ୱାଗତଯୋଗ୍ୟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଡାକ୍ତରଖାନାରୁ ଔଷଧ ଦୋକାନୀ ଗିରଫ

ଆସିକା,୨୭।୯(ଡି.ଏନ୍.ଏ.)

ଆସିକା ସବଡିଭିଜନାଲ୍ ହସପିଟାଲକୁ ଆସୁଥିବା ରୋଗୀଙ୍କୁ ଭୂଆଁ ବୁଲାଇ ନିଜ ଔଷଧ ଦୋକାନକୁ ନେଉଥିବା ଏବଂ ମନଇଛା ଔଷଧ ଦେଇ ଲୁଟୁଥିବା ଅଭିଯୋଗରେ ପୋଲିସ ଶୁକ୍ରବାର ଜଣେ ଔଷଧ ଦୋକାନୀଙ୍କୁ ଗିରଫ କରିଛି। ସେ ହେଲେ ସମୀର୍ ଚୌଧୁରୀ। ଅଭିଯୁକ୍ତଙ୍କ ବିରୋଧରେ ଆସିକା ଥାନାରେ ନଂ.୩୩୦/୧୯ରେ ଏକ ମାମଲା ରୁଜୁ କରାଯାଇ ଶୁକ୍ରବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନାଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଆସିକା ସରକାରୀ ଡାକ୍ତରଖାନାରେ ଦଲାଲମାନେ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ହାତରୁ ଔଷଧ ଚିଠା ଟାଣିନେଇ ଘରୋଇ ଔଷଧ ଦୋକାନୀମାନେ ହଇରାଣ କରୁଥିବା ଅଭିଯୋଗ ହୋଇ ଆସୁଥିଲା। ଶୁକ୍ରବାର ଡାକ୍ତରଖାନା ପରିସରରେ ପୋଲିସ ଛଦ୍ମବେଶରେ ରହି ସ୍ଥିତି ଅନୁଧାନ କରୁଥିଲା। ଡାକ୍ତରଖାନା ସଂଲଗ୍ନ ବାଣୀବିହାରଠାରେ ଥିବା ଏକ ଔଷଧ ଦୋକାନ ମାଲିକ ଜଣେ ରୋଗୀଙ୍କ ଚିଠା ନେଇ ଡାକ୍ତରଖାନାରେ ମିଳୁଥିବା ନିରାମୟ ଔଷଧ ଭଲନାହିଁ ବୋଲି କହି ନିଜ ଦୋକାନକୁ ନେଇଥିଲେ। ସେଠାରେ ଡାକ୍ତର ଲେଖିଥିବା ଚିଠା ମୁତାବକ ଔଷଧ ନଦେଇ ଅନ୍ୟ ଔଷଧ ଦେଇ ଟଙ୍କା ନେଇଥିଲେ। ପରେ ପୋଲିସ ଦୁଇଜଣ ଛଦ୍ମବେଶୀ ରୋଗୀଙ୍କୁ ଡାକ୍ତରଙ୍କ ପାଖକୁ ପଠାଇ ଔଷଧ ଚିଠା ଆଣିବା ପରେ ଦୋକାନୀ ଜଣକ ପୁଣି ଏମାନଙ୍କୁ ନେଉଥିବାବେଳେ ତାଙ୍କୁ କାବୁ କରିଥିବା ଥାନା ଅଧିକାରୀ ସାହୁ ସୂଚନା ଦେଇଛନ୍ତି।

### ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଶେରଗଡ଼,୨୭।୯(ଡି.ଏନ.ଏ.)

ଶେରଗଡ଼ସ୍ଥିତ ଉଦୟ ପ୍ରତାପ ଡିଗ୍ରୀ କଲେଜରେ ଶୁକ୍ରବାର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମ ବର୍ଷ କଳାର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧକ୍ଷ ବିନୋଦ ଚନ୍ଦ୍ରକର ସଂଯୋଜନା କରିଥିଲେ। ଦ୍ୱିତିୟ ବର୍ଷ ଓ ଶେଷବର୍ଷ କଳାର ସମସ୍ତ ଛାତ୍ରୀଛାତ୍ରମାନେ ପ୍ରଥମ ବର୍ଷ କଳାର ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିରେ ଅଶୋକ କୁମାର ସ୍ୱାଇଁ, ମନୋଜ କୁମାର ପଣ୍ଡାଙ୍କ ସମେତ ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଭଞ୍ଜନଗର ବ୍ଲକରେ ବିଜ୍ଞାନ ସେମିନାର



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଭଞ୍ଜନଗର,୨୭।୯(ଡି.ଏନ.ଏ.)

ଭଞ୍ଜନଗର ବ୍ଲକ ମୁଜାଗଡ଼ ହାଇସ୍କୁଲରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ବିଇଓ ଏସ୍. ଧନଞ୍ଜୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀମାଳା ପ୍ରିୟଦର୍ଶନୀ ସ୍ୱାଗତ ଭାଷଣ ଦେଇଥିଲେ। ବିଚାରକ ଭାବେ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ଅଧାପକ ଲକ୍ଷ୍ମୀକାନ୍ତ ମହାପାତ୍ର ଓ ରସାୟନିକ ବିଜ୍ଞାନ ବିଭାଗ ଅଧାପକ ଅମୀୟ ରଞ୍ଜନ ପଣ୍ଡା ଯୋଗଦେଇଥିଲେ। ସେମିନାରରେ ବ୍ଲକର ୪୪ଟି ବିଦ୍ୟାଳୟରୁ ୪୪ଜଣ ଛାତ୍ରୀଛାତ୍ର ଓ ତାଙ୍କର ମାର୍ଗଦର୍ଶକ ଶିକ୍ଷକ ଯୋଗଦେଇଥିଲେ। ବ୍ଲକସ୍ତରରେ ତିନୋଟି ସନ୍ଦର୍ଭକୁ ମନୋନୟନ କରାଯାଇ ପ୍ରଥମ ସନ୍ଦର୍ଭଟିକୁ ଜିଲାସ୍ତରକୁ ପଠାଇବା ପାଇଁ ସ୍ଥିର କରାଯାଇଛି। ଶିକ୍ଷକ ସନ୍ତୋଷ ଜେନା, ସିଆରସିସି ଭଗବାନ ଭୂୟାଁ, ସୁଧୀର କଅଁର, ଦିଗବିଜୟ ସାମନ୍ତରାୟ, ପ୍ରମୋଦ କୁମାର ପ୍ରଧାନ, ଶିକ୍ଷୟିତ୍ରୀ ବାସନ୍ତି ପାଣିଗ୍ରାହୀ, ଉଷାରାଣୀ ଦାଶ, ନିହାରିକା ମାଝି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ଧ୍ରୁବ ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ।

# ବିଜ୍ଞାନ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଆସିକା,୨୭।୯(ଡି.ଏନ୍.ଏ.)

ଆସିକା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍, ଜୁନିଅର୍ ରେଡକ୍ରସ୍ ଓ ସ୍କାଉଟ୍ ପକ୍ଷରୁ ଶୁକ୍ରବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ମହାବିଦ୍ୟାଳୟର ଅଧକ୍ଷ ତାରାପ୍ରସାଦ ଦାସ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନେ ରକ୍ତଦାନ କରିଥିଲେ। ଶିବିରରେ ୪୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏନ୍‌ଏସ୍‌ଏସ୍ ଅଧିକାରୀ ସରୋଜ କୁମାର ପଣ୍ଡାଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଧାପକ ପ୍ରଦୀପ କୁମାର ପାଢୀ, ଡ. ଜିବାନନ୍ଦ ତ୍ରିପାଠୀ ପ୍ରମୁଖ ଯୋଗଦେଇ ରକ୍ତଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଭଞ୍ଜନଗର ରକ୍ତଭଣ୍ଡାରର ମେଡିକାଲ୍ ଅଫିସର୍ ଡାକ୍ତର ଶିଶିର କୁମାର ସାବତ ଏବଂ ତାଙ୍କ ଟିମ୍ ରକ୍ତ ସଂଗ୍ରହ କରିଥିଲେ।

# ନିଶାନିବାରଣ ରାଲି, ପ୍ରତିଯୋଗିତା



ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର।

ଶେରଗଡ଼, ୨୭।୯(ଡି.ଏନ.ଏ.)

ଶେରଗଡ଼ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ନିଶା ନିବାରଣ ସଚେତନତା ରାଲି କରାଯାଇଛି। ରାଲିକୁ ବିଇଓ ଭାସ୍କର ଲେଙ୍କା ଶୁଭାରମ୍ଭ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ତାରିଣୀ ସଂଯୋଜାନରେ ସମର ଶିକ୍ଷାର୍ଥୀ ବାହିନୀ ଓ ଛାତ୍ରୀଛାତ୍ର ମାନେ ନିଶା ନିବାରଣ ପ୍ଲାକର୍ଡ ଧରି ରାମଗିରି ଗ୍ରାମ ପରିକ୍ରମା କରି ନିଶାରୁ ନିବୃତ ରହିବା ଲାଗି ସଚେତନ କରିଥିଲେ। ସେହିପରି ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟରେ ନିଶାନିବାରଣ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଲେଙ୍କା ଓ ଏବିଇଓ ଲକ୍ଷ୍ମୀନାରାୟଣ କର, ସନ୍ତୋଷକୁମାର ସାମଲ, ଅରୁଣ କୁମାର ସ୍ୱାଇଁ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ବ୍ଲକସ୍ତରୀୟ କବାଡ଼ି ପ୍ରତିଯୋଗିତା

ବୁଗୁଡ଼ା,୨୭।୯(ଡି.ଏନ.ଏ.)

ବୁଗୁଡ଼ା ପିପୁଲସ ହାଇସ୍କୁଲ ମିନି ଷ୍ଟାଡିୟମରେ ଶୁକ୍ରବାର ବ୍ଲକସ୍ତରୀୟ କବାଡ଼ି ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାକୁ ବିଇଓ ରସାନନ୍ଦ କର ଉଦ୍‌ଘାଟନ କରିଥିବା ବେଳେ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି, ପୀତାମ୍ବର ବିଷୋୟୀ, ପ୍ରଧାନ ଶିକ୍ଷକ କାଳୀଚରଣ ବେହେରା ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ାର ଆବଶ୍ୟକତା ଉପରେ କହିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୬୫ ଛାତ୍ରୀଛାତ୍ର ଏହି କବାଡ଼ି ପ୍ରତିଯୋଗିତାରେ ଭାଗ ନେଇଥିଲେ । ଜୁନିୟର ବିଭାଗରୁ ୮ ଓ ସିନିୟର ବିଭାଗରୁ ୮ ଏପରି ୧୬ ଜଣଙ୍କୁ ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଚୟନ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ବି. ଗୋପାଳ ପାତ୍ର, ବିଶ୍ୱେଶ୍ୱର ଗିରି, ବିଭୁ ପ୍ରସାଦ ନନ୍ଦଙ୍କ ସମେତ ସିଆରସିସି ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ ।



କବାଡ଼ି ଖେଳର ଏକ ଦୃଶ୍ୟ।

# ଆସିକାରେ ଅହିଂସା ରଥକୁ ସ୍ୱାଗତ

ଆସିକା,୨୭।୯(ଡି.ଏନ୍.ଏ.)

ଜାତିର ପିତା ମହାତ୍ମାଗାନ୍ଧୀ ଅହିଂସା ନୀତିକୁ ଆପଣାଇ ବିଦେଶୀ ହାତରୁ ଦେଶର ସ୍ୱାଧୀନତାକୁ ଛଡାଇ ଆଣିଥିଲେ। ତଥାପି ଭାରତ ସମ୍ବିଧାନରେ ଅହିଂସାକୁ ସ୍ଥାନିତ କରାଯାଇପାରିନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାରତୀୟ ସମ୍ବିଧାନର ମୁଖବନ୍ଧରେ ଅହିଂସାକୁ ସ୍ଥାନିତ କରିବା ନେଇ ଜନସଚେତନତା ସୃଷ୍ଟି ସାଙ୍ଗକୁ ଦସ୍ତଖତ ଅଭିଯାନ ଆରମ୍ଭ କରିଛନ୍ତି। ଏହା ଏକ ଐତିହାସିକ ପଦକ୍ଷେପ ବୋଲି ଅହିଂସା ରଥକୁ ସ୍ୱାଗତ ଅବସରରେ ମତ ପ୍ରକାଶ ପାଇଛି। ଆସିକା ବ୍ଲକ କେନ୍ଦୁପଦରସ୍ଥିତ ହାଇସ୍କୁଲ ପରିସରରେ ଶୁକ୍ରବାର ମଧାହ୍ନରେ ଅହିଂସା ରଥକୁ ସ୍ୱାଗତ ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସ୍ୱାଗତ ସଭାରେ ବ୍ଲକ୍ ଅଧକ୍ଷ ହରେକୃଷ୍ଣ ମଳିକ, ବ୍ଲକ୍ ଉପାଧକ୍ଷା ସୁଜାତା ସ୍ୱାଇଁ, କବିସୂର୍ଯ୍ୟନଗର ବ୍ଲକ୍ ଅଧକ୍ଷ ସନ୍ତୋଷ କୁମାର ପାଢୀ, ନଚିକେତା ସ୍ୱାଇଁ, ବିଡିଓ ସତ୍ୟସୁନ୍ଦର ରାଉତ, ଭବାନୀଶଙ୍କର ମଳିକ, ବିଜେଡି ନେତା ଦିଲ୍ଲୀପ ପାଣିଗ୍ରାହୀ, ସତ୍ୟନାରାୟଣ ସ୍ୱାଇଁ, ଶିବ ନାହାକ, ଅନିଲ୍ କୁମାର ନାହାକ, ଅଜିତ୍ ଚୌଧୁରୀ, ସୂର୍ଯ୍ୟକାନ୍ତ ପରିଡା, କେନ୍ଦୁପଦର କଲେଜ ଅଧକ୍ଷ ସନ୍ତୋଷ କୁମାର ଆପଟ୍ଟ, ସିଡିପିଓ ଭାରତୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ହାଇସ୍କୁଲ୍ ଓ କଲେଜର ଛାତ୍ରୀଛାତ୍ରଙ୍କ ସହ ଅଞ୍ଚଳର ଜନସାଧାରଣଙ୍କ ଭରପୁର ସମାଗମ ହୋଇଥିଲା। ଏହି କାର୍ଯ୍ୟକ୍ରମ ପରେ ଅହିଂସା ରଥ ଆସିକା ଓ କବିସୂର୍ଯ୍ୟନଗର ବ୍ଲକର ବିଭିନ୍ନ ଅଞ୍ଚଳରେ ପରିକ୍ରମା କରିଥିଲା। ଉଦ୍‌ଘାଟନୀ ସମାରୋହରେ ଅହିଂସା ରଥ ସହ ଆସିଥିବା ସିଲଭର୍ ଗାନ୍ଧୀ ଓ କଳାକାରମାନଙ୍କୁସମ୍ବର୍ଦ୍ଧନାଦିଆଯାଇଥିଲା।



ମଞ୍ଚାସୀନ ଅତିଥି।

